## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■ସାପ୍ତାହିକ ହାଟର ଉଦ୍‌ଘାଟନ
ସ୍ଥାନ-ମହିଷାପାଟ(ଜିଲା ପରିଷଦ କାର୍ଯ୍ୟାଳୟ ନିକଟ)
ସମୟ-ପୂର୍ବାହ୍ନ ସାଢ଼େ ୯ଟା

## ସଂକ୍ଷେପରେ

### କଲର ବେଲ୍ଟ ପରୀକ୍ଷାରେ ୪୫ ଉତ୍ତୀର୍ଣ୍ଣ



**ଢେଙ୍କାନାଳ ଅଫିସ, ୭।୧:** କାମାକ୍ଷାନଗର ଉପଖଣ୍ଡ କଙ୍କଡାହାଡ ବ୍ଲକ୍ ସଂସ୍କାର ପବ୍ଲିକ ସ୍କୁଲରେ ଆମେଚର ଟାଏକୋଣ୍ଡୋ ଆସୋସିଏଶନ୍ ପକ୍ଷରୁ କଲର ବେଲ୍ଟ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୬୦ ଜଣ ଏହି ପରୀକ୍ଷା ଦେଇଥିବାବେଳେ ୪୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ, ମୁଖ୍ୟବକ୍ତା ଆମେଚର ଟାଏକୋଣ୍ଡୋ ଢେଙ୍କାନାଳର ସମ୍ପାଦକ ସୌମ୍ୟବ୍ରତ ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଟ୍ରଷ୍ଟି ସଦସ୍ୟ ପ୍ରସନ୍ନ କୁମାର ସାହୁ ଯୋଗଦାନ କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ରୌପ୍ୟ ପଦକ ପାଇଥିବା ଶ୍ରେୟାସ୍ ଶକ୍ତି ସ୍ମିଥ୍, ଆଦ୍ୟାଶା ପ୍ରଧାନ ଏବଂ ଓଡ଼ିଶାର ସର୍ବକନିଷ୍ଠ ବାଳିକା ବିଭାଗରେ ସ୍ୱର୍ଣ୍ଣ ପଦକ ପାଇଥିବା ଏସ୍.ଏମ୍. ଲୁସିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଫଳ ପରୀକ୍ଷାର୍ଥୀଙ୍କୁ କଲର୍ ବେଲ୍ଟ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ପ୍ରଶିକ୍ଷକ ସୁଧାକର ଜେନା ପରୀକ୍ଷା ଆୟୋଜନ କରିଥିଲେ। ପ୍ରଶିକ୍ଷକ ସୌମ୍ୟକାନ୍ତ ବେଉରା, ରାଜେନ୍ଦ୍ର ବେହେରା, ରଜନୀକାନ୍ତ ମଲ୍ଲିକ, ଚନ୍ଦନ କୁମାର ସ୍ୱାଇଁ, କର୍ପୁର କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ଜନ ସମ୍ପର୍କ ପଦଯାତ୍ରା

**ବଇଣ୍ଡା,୭।୧(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତ ବନ୍ତୁଲ, ସାପଘରା, ଖମାର, ରାଇନାଳୀ, ବାତ୍ରାଖୋଳ ଗ୍ରାମରେ ସୋମବାର ଭାଜପା ପକ୍ଷରୁ ଏକ ଜନ ସମ୍ପର୍କ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ବଇଣ୍ଡାମଣ୍ଡଳ ସାଧାରଣ ସମ୍ପାଦକ ଧ୍ରୁବଚରଣ ସାହୁ, ତ୍ରିଲୋଚନ ପ୍ରଧାନ, ଚନ୍ଦନ ସାହୁ, ଶରତ ପ୍ରଧାନ, ଅନାମ ବେହେରା, ଯୋଗିନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

### ଈଶ୍ୱରୀୟ ଜ୍ଞାନ ବିଶ୍ୱ ପରିବର୍ତ୍ତନର ମାଧ୍ୟମ

**ଢେଙ୍କାନାଳ ଅଫିସ, ୭।୧:** ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ହରିପୁରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖାର ୮ମ ବାର୍ଷିକ ଉତ୍ସବ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଡା. ଶାନ୍ତିଭୂଷଣ ପଣ୍ଡା, ସମ୍ମାନିତ ଅତିଥି ଡା. ପ୍ରେମାନନ୍ଦ ସାହୁ, ଜଳଧର ବେହେରା, ବ୍ରହ୍ମାକୁମାରୀ ପ୍ରଭା, ରିତା ଏବଂ ସଖୀ ପ୍ରମୁଖ ଯୋଗଦେଇ ଈଶ୍ୱରୀୟ ଜ୍ଞାନ ଓ ରାଜଯୋଗ ବିଶ୍ୱ ପରିବର୍ତ୍ତନର ଏକ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ବିକେ ଅଲିଶା ବିବରଣୀ ପ୍ରଦାନ କରିଥିଲେ। ବ୍ରହ୍ମାକୁମାରୀ ଭାରତୀ ରାଜଯୋଗ ଅଭ୍ୟାସ କରାଇଥିଲେ। ନିଲିମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଢେଙ୍କାନାଳ ଅଫିସ, ୭।୧:** ଢେଙ୍କାନାଳ ଜିଲା ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଚନ୍ଦ୍ରଭାନୁ ମହାପାତ୍ର ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀ ନିଜକୁ ସୁରକ୍ଷିତ ରଖିବା ପାଇଁ ଆତ୍ମରକ୍ଷଣ କୌଶଳ ଅବଲମ୍ବନ କରିବା ଜରୁରୀ ବୋଲି କହିଥିଲେ। ଅଧ୍ୟାପକ ପ୍ରଭାତ କୁମାର ସାମଲ, ଗୁରୁବାରୀ ବଳ, ବୀରେନ୍ଦ୍ର କୁମାର ସାହୁ, ଗୁରୁଚରଣ ନାୟକ, ଅଧ୍ୟାପିକା ମମତା ନାୟକ, ଦିଲୀପ କୁମାର ଦାସ, କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଏହି କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ମୋଟ ୫୨ ଛାତ୍ରୀ ଯୋଗ ଦେଇଥିଲେ। ଚିନ୍ମୟୀ ସାହୁ ପ୍ରଶିକ୍ଷଣ ଦେଇଥିଲେ। କ୍ରୀଡା ଶିକ୍ଷକ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁଗଳ ରାଉତ, ସନ୍ତୋଷ ସେନାପତି ଓ ମଥୁରାମ ବେହେରା ସହଯୋଗ କରିଥିଲେ।

■ଇଭିଏମ୍, ଭିଭିପାଟ ସଚେତନତା ଅଭିଯାନର ଶୁଭାରମ୍ଭ

# ଅଭିଯାନ ଦାୟିତ୍ୱରେ ୩୫ ଟିମ୍

**ଅନୁଗୋଳ ଅଫିସ/ ତାଳଚେର/ଆଠମଲ୍ଲିକ/ବଇଣ୍ଡା, ୭।୧:**

ମତଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ଭୋଟରମାନଙ୍କୁ ମକ୍ ପୋଲ ମାଧ୍ୟମରେ ସଚେତନ କରିବା ଉଦ୍ଦେଶ୍ୟରେ ସୋମବାର ଠାରୁ ଇଭିଏମ୍ ଓ ଭିଭିପାଟ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନକୁ ଜିଲାପାଳ ଅନିଲ କୁମାର ସାମଲ ସୋମବାର ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟ ପରିସରରେ ଶୁଭାରମ୍ଭ କରିଥିଲେ। ସେହିପରି ଅନୁଗୋଳ ଓ ଛେଣ୍ଡିପଦା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଉଦ୍ଦିଷ୍ଟ ଏହି ଅଭିଯାନକୁ ଜିଲାର ଏହି ଅଭିଯାନ ତଦାରଖ ଦାୟିତ୍ୱରେ ଥିବା ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ରଘୁରାମ ଆୟାର ଓ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ଅଭିଯାନରେ ୩୫ଟି ଟିମ୍ ନିୟୋଜିତ ହୋଇଛନ୍ତି। ପ୍ରତି ଟିମ୍‌ରେ ୨ ଜଣ ଡେମୋ ଅଫିସର, ୨ ଜଣ ୪ର୍ଥ ଶ୍ରେଣୀ କର୍ମଚାରୀ ଓ ଜଣେ ଲେଖାଏ ପୋଲିସ କର୍ମଚାରୀ ସାମିଲ ଅଛନ୍ତି। ଜିଲାର ଭୋଟର ଗ୍ରହଣ କେନ୍ଦ୍ର ଓ ୧୯୩୯ଟି ରାଜସ୍ୱ ଗାମକୁ ଏହି ଦଳ ଯାଇ ଇଭିଏମ୍, ଭିଭିପାଟ୍‌ର ବ୍ୟବହାର ସମ୍ପର୍କରେ ମକ୍ ପୋଲ କରି ଅବଗତ କରିବେ। ଏହି ଦଳଗୁଡ଼ିକ ଦିନକୁ ୪ଟି ବୁଥ୍ ବୁଲି ଅଭିଯାନ ପରିଚାଳନା କରିବେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଡେପୁଟି କଲେକ୍ଟର ବଇଦୁରା ଦୀପ୍, ଆସିଷ୍ଟାଣ୍ଟ କଲେକ୍ଟର ଲମ୍ବୋଦର ମାରାଣ୍ଡି, ବିବେକାନନ୍ଦ ସାହୁ ଓ ପତିତପାବନ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ସଚେତନତା ଅଭିଯାନର ଶୁଭାରମ୍ଭ କରୁଛନ୍ତି।

ସେହିପରି ତାଳଚେରରେ ବାହାରିଥିବା ସଚେତନତା ରଥକୁ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସମୟରେ ତହସିଲଦାର ସାଫଲ୍ୟମଣ୍ଡିତ ପ୍ରଧାନ, ବିଡିଓ ନେତ୍ରାନନ୍ଦ ମଲ୍ଲିକ, ସହକାରୀ ଜିଲାପାଳ ସୁବାସ ଚନ୍ଦ୍ର ପ୍ରଧାନ, ଗୌରୀ ନାଏକ, ସଞ୍ଜୟ କୁମାର ବେହେରା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୌରଭ ପ୍ରଧାନ, ଶରତ ଚନ୍ଦ୍ର ପାଢ଼ି, ପ୍ରଭାତ ନନ୍ଦ, ଶକ୍ତିବିକାଶ ବେହେରା, ଜିତେନ୍ଦ୍ର କୁମାର ପ୍ରଧାନ, ପ୍ରବୀଣା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ଉପଖଣ୍ଡର ସମସ୍ତ ଗ୍ରାମ ପରିକ୍ରମା କରି ଭୋଟରଙ୍କୁ ସଚେତନ କରିବ। ଆଠମଲ୍ଲିକ ବ୍ଲକ ପରିସରରୁ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ ଏବଂ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ମିଳିତ ଭାବେ ଭୋଟର ସଚେତନତା ରଥକୁ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ପାଇଁ ୭ ଗୋଟି ଟିମ୍ ଗଠନ କରାଯାଇଥିବା ବେଳେ ବିଜ୍ଞାପିତ ଅଞ୍ଚଳ ପରିଷଦ ସହ ନିର୍ବାଚନମଣ୍ଡଳୀର ସମସ୍ତ ରାଜସ୍ୱ ଗ୍ରାମରେ ଏହି ଗାଡ଼ି ଭୋଟରଙ୍କୁ ସଚେତନ କରିବ। ତହସିଲଦାର ବାସୁଦେବ ମହାପାତ୍ର, ଆଠମଲ୍ଲିକ ବିଡିଓ ରାହାସ ଚନ୍ଦ୍ର ନାୟକ, କିଶୋରନଗର ବିଡିଓ ସୁଶ୍ରୀ ଅମୃତା ପ୍ରିୟମ୍ବଦା, କିଶୋରନଗର ତହସିଲଦାର ସୁଶ୍ରୀ ଲୋପାମୁଦ୍ରା ରଥ, ସହକାରୀ ଜିଲାପାଳ ନାରାୟଣ ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବେ।

କିଶୋରନଗର ବ୍ଲକ ପରିସରରେ ୩ଟି ରଥକୁ ବିଡିଓ ମୁଖ୍ୟଅତିଥି ଭାବେ ଯୋଦଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମେ ବାମୁର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିଲୀପ କୁମାର ମିଶ୍ର, ପ୍ରଗତୀ ସହାୟକ ହୃଷିକେଶ ପଣ୍ଡା, ମୁଖ୍ୟ କିରାଣି ଚିତ୍ତରଞ୍ଜନ ତ୍ରିପାଠୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁଜତା ତ୍ରିପାଠୀ ପ୍ରମୋଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ୨୩ଟି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



ନିର୍ବାଚିତ କର୍ମକର୍ତ୍ତାମାନେ।

■ଟ୍ରକ୍ ମାଲିକ ମହାସଂଘ କର୍ମକର୍ତ୍ତା ସମ୍ବର୍ଦ୍ଧନା ସମାରୋହ

# ସରକାରଙ୍କ ନିକଟରେ ସମସ୍ୟା ଉପସ୍ଥାପନ କରାଯିବ

**ଅନୁଗୋଳ ଅଫିସ, ୭।୧**

ଓଡ଼ିଶା ରାଜ୍ୟ ଟ୍ରକ୍ ମାଲିକ ମହାସଂଘ କଟକର ୨୦୧୯-୨୧ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଖୁର୍ଣ୍ଣି ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘ ସଭାପତି ଭାବେ ଅନୁଗୋଳ ଜିଲା ଟ୍ରକ୍ ମାଲିକ ସଂଘର ବିଭୂତି ପ୍ରସାଦ ଦାସ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ବୀରେନ୍ଦ୍ର କୁମାର ମିଶ୍ର ଓ ମହାସଂଘ କୋଷାଧ୍ୟକ୍ଷ ଭାବେ ଅନାମ ଚରଣ ପ୍ରଧାନ ନିର୍ବାଚିତ ହୋଇଛନ୍ତି।

ଏହି ନିର୍ବାଚନ ପରେ ଅନୁଗୋଳ ଟ୍ରକ୍ ମାଲିକ ଆସୋସିଏଶନ୍‌ରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ନବନିର୍ବାଚିତ ସଭାପତି ଦାସ କହିଛନ୍ତି ଯେ, ସଂଘର ବିଭିନ୍ନ ସମସ୍ୟା ନେଇ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା କରାଯାଉଛି। କିନ୍ତୁ ଫାଇଲ ତୃତୀୟ ମହଲାରେ ପଡ଼ି ରହୁଛି। ଫଳରେ ଦାବିଗୁଡ଼ିକ ପୂରଣ ହୋଇପାରୁନି। ତୁରନ୍ତ ଏ ନେଇ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ। ସେହିପରି ଡାକ ପରିବର୍ତ୍ତେ ଗାଡ଼ି ରେଜିଷ୍ଟ୍ରେସନ୍ କାଗଜ ହାତେ ହାତେ ଦେବା ବ୍ୟବସ୍ଥା କରିବାକୁ ଦାବି କରାଯିବ ବୋଲି ସେ କହିଛନ୍ତି। ସେଣ୍ଟ୍ରାଲ ଜୋନ ଉପସଭାପତି ଭାବେ ନାଲ୍‌କୋନଗର ଟ୍ରକ୍ ମାଲିକ ସଂଘ ସଭାପତି ରାଜୀବ ଜେନା ନିର୍ବାଚିତ ହୋଇଛନ୍ତି। ଏହି ଜୋନ୍‌ର ସମ୍ପାଦକ ଭାବେ ଅକ୍ଷୟ କୁମାର ସାମନ୍ତ ଓ ସହ ସମ୍ପାଦକ ଭାବେ ମହମ୍ମଦ ସୌକତ ନିର୍ବାଚିତ ହୋଇଛନ୍ତି। ସେଣ୍ଟ୍ରାଲ ଜୋନରୁ ସର୍ବମୋଟ ୪ ଜଣ ପ୍ରତିନିଧିତ୍ୱ କରୁଥିବାରୁ ସଂଘର ପ୍ରତ୍ୟେକ ସଭ୍ୟ ନୂତନ କର୍ମକର୍ତ୍ତାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଗ୍ରାମ ଦାସ ପରିଚାଳନା କରିଥିବା ବେଳେ ବିଜୟ ଧର ଧନ୍ୟବାଦ ଦେଇଥିଲେ।

■ ସମ୍ପର୍କ ଯୋଡ଼ି ଲୁଟିଲେ ଭଡ଼ାଟିଆ

# ସ୍ୱାମୀ, ସ୍ତ୍ରୀ ଓ ୨ ଶାଳୀ ଗିରଫ

**ଓଡାପଡା,୭।୧(ଡି.ଏନ.ଏ)**

ପ୍ରଥମେ ଘର ଭଡା ନେଇ ରହିଲେ। ଘର ମାଲିକଙ୍କ ସହିତ ସାମାଜିକ ସମ୍ପର୍କ ବଢାଇଲେ। ପରେ ବିଶ୍ୱାସର ଫାଇଦା ଉଠାଇ ମାଲିକଙ୍କ ଘରେ ସମ୍ପୃକ୍ତ ଭଡାଟିଆ କଳାକନା ବୁଲାଇଦେବା ଘଟଣା ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଗୁଡିଆକାଟଣୀ ଛକ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି।

ଘଟଣାରୁ ଜଣାପଡିଛି, ଗୁଡିଆକାଟେଣୀ ଛକ ଅଞ୍ଚଳରେ ରହୁଥିବା କବି ସ୍ୱାଇଁ ତାଙ୍କ ତଳ ଘରକୁ ପଶ୍ଚିମବଙ୍ଗ ରାଜ୍ୟ ବାସିନ୍ଦା ସୁଶୀଲ ଯଶୱାଲଙ୍କ ପରିବାରକୁ ଭଡାରେ ଦେଇଥିଲେ। ସୁଶୀଲ ଉକ୍ତ ଛକ ନିକଟରେ ଏକ କ୍ରଶର ପାର୍ଟ ଦୋକାନ କରିଥିଲେ। ଘର ମାଲିକ କବିଙ୍କ ଦୁଇପୁଅ ମଧ୍ୟରୁ ଜଣେ ବାହାରେ ଚାକିରି କରୁଥିବା ବେଳେ ଅନ୍ୟଜଣେ ବ୍ୟବସାୟ କରନ୍ତି। ତେବେ ଘର ମାଲିକଙ୍କ ସହିତ ଯଶୱାଲଙ୍କ ପରିବାର ସମ୍ପର୍କ ବଢାଇବା ସହ ଘରକୁ ଯିବାଆସିବା କରୁଥିଲେ। କିଛିଦିନ ତଳେ କବି ନିଜ ଆଲମିରାରେ ଥିବା ସୁନାଗହଣା ବାହାର କରିବା ପାଇଁ ଲକର ଖୋଲିବା ବେଳକୁ ତାହା ଖାଲି ପଡିଥିବା ଦେଖିବାକୁ ପାଇଥିଲେ। ସେଥିରେ ଥିବା ପ୍ରାୟ ୩୦୦ ଗ୍ରାମ ସୁନାଗହଣା ନ ଥିବା ଦେଖି କବିଙ୍କ ମୁଣ୍ଡରେ ଚଡକ ପଡିଥିଲା। ଯଶୱାଲଙ୍କ ପରିବାର ଏଭଳି କାମ କରିଥାଇପାରନ୍ତି ବୋଲି ସନ୍ଦେହ କରିବା ସହ କବି ଏ ନେଇ ମୋଟଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୧୮, ଦଫା ୪୫୪ ଓ ୩୮୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ସୁଶୀଲ ଯଶୱାଲ(୩୧), ସ୍ତ୍ରୀ ରଞ୍ଜିତା ବେହେରା(୨୬) ଓ ଦୁଇଶାଳୀ ଲିପି ବେହେରା ଓ ଲିକି ବେହେରାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ପ୍ରାୟ ୭୦ ଗ୍ରାମର ସୁନା ଗହଣା ଉଦ୍ଧାର କରାଯାଇଥିବା ଥାନା ଅଧିକାରୀ ପ୍ରଭାତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

### ସିମେଣ୍ଟ ଦୋକାନୀଙ୍କୁ ଆକ୍ରମଣ

**ତାଳଚେର, ୭।୧(ନି.ପ୍ର.)**

ତାଳଚେର ବ୍ଲକ ରାଧାରମଣପୁର ଗ୍ରାମରେ ଥିବା ସିମେଣ୍ଟ ଦୋକାନୀ ସରୋଜ କୁମାର ସାହୁଙ୍କୁ ସୋମବାର ଆକ୍ରମଣ କରାଯାଇଛି। ଗୁରୁତର ଅବସ୍ଥାରେ ସ୍ଥାନୀୟବାସିନ୍ଦା ତାଙ୍କୁ ଉଦ୍ଧାର କରି ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ରାତି ୮ଟାରେ ଏକ ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ଆସି ତାଙ୍କ ଦୋକାନ ସମ୍ମୁଖରେ ଓହ୍ଲାଇଥିଲେ। ପରେ ସରୋଜଙ୍କୁ ଜଣେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଭୟଭୀତ କରୁଥିବାବେଳେ ଅନ୍ୟ ଜଣେ ଏକ ଭୁଜାଲିରେ ତାଙ୍କୁ ଆକ୍ରମଣ କରିଥିଲା। ଆକ୍ରମଣର କାରଣ ଜଣାପଡ଼ି ନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ବୁଲୁଛି ଜବାବ ମାଗୁଛି ଓଡ଼ିଶା ରଥ

**କଣିହାଁ,୭।୧(ଡି.ଏନ.ଏ.)**

କଣିହାଁ ବ୍ଲକ ମହକୁମାର ବିଭିନ୍ନ ଅଞ୍ଚଳ ସୋମବାର ଭାଜପାର ଜବାବ ମାଗୁଛି ଓଡ଼ିଶା ରଥ ପରିକ୍ରମା କରିଛି। ଶନିବାର ଏହି ରଥକୁ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଉଦ୍‌ଘାଟନ କରିଥିଲେ। ଏହା ତାଳଚେର ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଗ୍ରାମ ଓ ଅଞ୍ଚଳକୁ ଯାଇ ରାଜ୍ୟ ସରକାରଙ୍କ ବିଫଳତା ଓ କେନ୍ଦ୍ର ସରକାରଙ୍କ ସଫଳ ଯୋଜନାକୁ ନେଇ ଭୋଟରମାନଙ୍କୁ ସଚେତନ କରିବ ବୋଲି ଭାଜପା ମିଡ଼ିଆ ସେଲ କାର୍ଯ୍ୟକର୍ତ୍ତା ଶୁଶାନ୍ତ କୁମାର ସାମଲ ସୂଚନା ଦେଇଛନ୍ତି।

# କଳା, ସଂସ୍କୃତି ବଜାୟ ରଖିବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଛେଣ୍ଡିପଦା,୭।୧(ସ୍ୱ.ପ୍ର)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ମହୋତ୍ସବ ୨୦୧୯ ସୋମବାର ଛେଣ୍ଡିପଦା ଷ୍ଟାଡିୟମଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲାପରିଷଦ ସଭାପତି ବାସନ୍ତୀ କିଷାନ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଉପାଧ୍ୟକ୍ଷା ସୁଷମା ରାଉଳ, ସହକାରୀ ତହସିଲଦାର ବବିତା ମିଶ୍ର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସେବାଷ୍ଟିନା କୁଜୁର, ସରପଞ୍ଚ ସୁନିତା ଗଡନାୟକ, ରାକେଶ ଗଡନାୟକ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମାଜରେ କଳା, ସଂସ୍କୃତି ବଜାୟ ରଖିବା ସହିତ ଗ୍ରାମାଞ୍ଚଳରେ ଥିବା ପ୍ରତିଭାକୁ କିପରି ଲୋକଲୋଚନକୁ ଅଣାଯାଇପାରିବ ସେ ନେଇ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ବହୁ କଳାକାର ଯୋଗଦେଇ ନିଜ କଳା ପ୍ରଦର୍ଶନ କରିଥିଲେ। ଏଥିରେ ଆଦିବାସୀମାନଙ୍କ କରମା ନୃତ୍ୟ, ପାଲା, ଗୋପାଳଙ୍କ ଓଗାଳ, ଲଉଡି, ପାଲା ଓ ଦଣ୍ଡ ନୃତ୍ୟ ପରିବେଷଣ ହୋଇଥିଲା। ବିଚାରକ ଭାବେ ଯୋଗେନ୍ଦ୍ର ବିଶ୍ୱାଳ, ପ୍ରହ୍ଲାଦ ସାହୁ ଯୋଗ ଦେଇଥିଲେ। ଛେଣ୍ଡିପଦା ବ୍ଲକ କଳା ସଂସ୍କୃତିର ସଭାପତି ହରମୋହନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଛେଣ୍ଡିପଦା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ସାହୁ, ମତ୍ସ୍ୟ ଅଧିକାରୀ ପ୍ରହ୍ଲାଦ ସେଠୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଫିରୋଜ ବେହେରାଙ୍କ ସମେତ ଛେଣ୍ଡିପଦା ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### କାଳିଆ ଯୋଜନା ଫର୍ମ ମିଳୁନି

**ମାଧପୁର, ୭।୧**

ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମାଧପୁର ପଞ୍ଚାୟତରେ କାଳିଆ ଯୋଜନାରେ ଅବ୍ୟବସ୍ଥା ଦେଖାଦେଇଛି। ପଞ୍ଚାୟତରେ ଆବଶ୍ୟକ ଫର୍ମ ଉପଲବ୍ଧ ହେଉ ନ ଥିବାରୁ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପଞ୍ଚାୟତକୁ ଆବଶ୍ୟକ ଫର୍ମ ଆସି ନ ଥିବାରୁ ସୋମବାର ଅନେକ ଚାଷୀ ଅପେକ୍ଷା କରି ନିରାଶ ହୋଇ ଫେରି ଯାଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ବିଭାଗ ତରଫରୁ ଆବଶ୍ୟକ ଫର୍ମର ବ୍ୟବସ୍ଥା କରିବା ସହିତ ସଚେତନତା କାର୍ଯ୍ୟକ୍ରମ କରିବାକୁ ସାଧାରଣରେ ଦାବି ହୋଇଛି।

# ଦେଶକୁ ନିଶାମୁକ୍ତ କରିବାକୁ ୬ ହଜାର କି.ମି. ସାଇକେଲ ଯାତ୍ରା



ବଇଣ୍ଡା ଛକଠାରେ ପହଞ୍ଚିଛନ୍ତି ଶୟଦ ଫଇଯାନ ଅଲ୍ଲୀ।

**ବଇଣ୍ଡା,୭।୧(ଡି.ଏନ.ଏ.)**

ଦେଶକୁ ନିଶାମୁକ୍ତ କରିବା ପାଇଁ କଟକ ଅଞ୍ଚଳର ଶୟଦ ଫଇଯାନ ଅଲ୍ଲୀ(୬୨) ସାଇକେଲରେ ଯାତ୍ରା କରି ସଚେତନତା ସୃଷ୍ଟି କରୁଛନ୍ତି। ସୋମବାର ସମ୍ବଲପୁରଠାରୁ କଟକ ଅଭିମୁଖେ ଯାଉଥିବାବେଳେ କିଶୋରନଗର ବ୍ଲକ ବଇଣ୍ଡା ଛକଠାରେ ତାଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ ବଇଣ୍ଡାଠାରେ ପହଞ୍ଚିବା ପରେ ନୁନୁକାପଶି ପଞ୍ଚାୟତ କାର୍ଯ୍ୟକାରିଣୀ ସଭାପତି(ବିଜେଡି) ରମେଶ କୁମାର ବେହେରା, ସୁବାସ ପ୍ରଧାନଙ୍କ ସମେତ ଅଞ୍ଚଳବାସୀ ସମ୍ବର୍ଦ୍ଧନା ଦେଇଥିଲେ। ଅଲ୍ଲୀ କହିଛନ୍ତି, ପିଲାଟି ଦିନରୁ ଗାନ୍ଧିଜୀଙ୍କ ନିଶା ନିବାରଣ ସ୍ଲୋଗାନରେ ଅନୁପ୍ରାଣିତ ହୋଇ ଦେଶ କିଭଳି ନିଶାମୁକ୍ତ ହେବା ସହିତ ଦୁର୍ଘଟଣାମୁକ୍ତ, ପ୍ରଦୂଷଣମୁକ୍ତ ହୋଇପାରିବ ସେ ନେଇ ପ୍ରତ୍ୟେକ ଅଞ୍ଚଳକୁ ଯାଇ ସଚେତନତା ବାର୍ତ୍ତା ଦେଉଛି। ସମସ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ଗ୍ରାମବାସୀଙ୍କୁ ଏ ସମ୍ପର୍କରେ ସଚେତନ କରାଉଛି। ଗତ ନଭେମ୍ବର ୩ରେ କଟକରୁ ଏହି ଅଭିଯାନ ଆରମ୍ଭ କରି ଚେନ୍ନାଇ, ମୁମ୍ବାଇ, ନାଗପୁର, ସମ୍ବଲପୁର ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରିଛି। ଇତି ମଧ୍ୟରେ ସେ ୬ ହଜାର କି.ମି. ସାଇକେଲ ଯାତ୍ରା କରି ସରିଥିବା ପ୍ରକାଶ କରିଛନ୍ତି।

■ ସହାୟତାକୁ ଅନାଇଛନ୍ତି ରଜନୀ

# ପକ୍ଷାଘାତରେ ୫ ବର୍ଷ

**ଛେଣ୍ଡିପଦା, ୭।୧(ସ୍ୱ.ପ୍ର.)**

'ମଜୁରି ଲାଗିଲେ ଦୁଇ ପ୍ରାଣୀଙ୍କ ପେଟରେ ଦାନା ପଡେ। ଏମିତି ପରିସ୍ଥିତିରେ ୫ ବର୍ଷ ହେଲା ସ୍ତ୍ରୀ ମୋର ରୋଗରେ ଶଢୁଛି। ଔଷଧ ଆଣି କେଉଁଠୁ ଯୋଗାଇବି। ଜନ୍ମିତ ୨ ପୁଅ ପରିବାର ସହ ସେମାନଙ୍କ ରାସ୍ତାରେ। ଭାଗ୍ୟକୁ ଆଦରି ସ୍ୱାମୀ ସ୍ତ୍ରୀ ଏଠି ପଡି ରହିଛୁ। ବୟସ ହୋଇଥିଲେ ବି ଆଜି ଯାଏ ଭତ୍ତା ଟିଏ ହୋଇପାରିନି। ଆଉ ସରକାରୀ ଅଫିସ୍ ଦୌଡିବାକୁ ବି ବଳ ନାହିଁ। ସ୍ତ୍ରୀଙ୍କ ଦେହ ଟିକିଏ ଭଲ ହୋଇଗଲେ ମୋର ଅଧାଦୁଃଖ ସରିଯାଆନ୍ତା। କିଏ ଟିକିଏ ଦୟା ଆଖିରେ ଅନାଇଲେ ମୋର କଷ୍ଟ ଲାଘବ ହୋଇପାରନ୍ତା।' ଏପରି ଅସହାୟ ଅବସ୍ଥାରେ ନିଜ ଦୁଃଖ ବଖାଣି ସହାୟତା ଆଶାରେ ପଡିରହିଛନ୍ତି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୁକୁରପେଟା ପଞ୍ଚାୟତ ବାଲିନାଳି ହରିଜନ ସାହିର ରାଜକିଶୋର ନାଏକ।



■ପେଟକୁ ନିଅଣ୍ଟ ମଜୁରି ଟଙ୍କା
■ଚିକିତ୍ସା ପାଇଁ ଅର୍ଥ ନାହିଁ
■ଗୁହାରି ଶୁଣୁନାହିଁ ପ୍ରଶାସନ

ରାଜକିଶୋରଙ୍କ କହିବା ମୁତାବକ, ଦିନେ କି ଦୁଇ ଦିନ ନୁହେଁ, ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ପକ୍ଷାଘାତ ଯନ୍ତ୍ରଣାରେ ଘାଣ୍ଟି ହେଉଛନ୍ତି ସ୍ତ୍ରୀ ରଜନୀ ନାଏକ(୬୦)। ତାଙ୍କ ମଜୁରି ଟଙ୍କା ପେଟକୁ ନିଅଣ୍ଟ ହେଉଥିବାରୁ ସ୍ତ୍ରୀଙ୍କ ଚିକିତ୍ସା କରିବାକୁ ସେ ଅସମର୍ଥ। ରଜନୀଙ୍କ ଆଶୁ ଚିକିତ୍ସା ପାଇଁ ରାଜକିଶୋର ସ୍ଥାନୀୟ ଜନପ୍ରତିନିଧିଙ୍କ ନିକଟକୁ ସହାୟତା ପାଇଁ ଦୌଡିଛନ୍ତି। ହେଲେ କେହି ତାଙ୍କ ଗୁହାରି ଶୁଣି ନ ଥିବା ସେ ପ୍ରକାଶ କରିଛନ୍ତି। ବହୁ କଷ୍ଟରେ ସ୍ତ୍ରୀଙ୍କୁ କୋଶଳା ଡାକ୍ତରଖାନାଠାରୁ କଟକ ବଡ଼ ମେଡିକାଲ ନେଇଛନ୍ତି। ସେଠାରେ କିଛିଦିନ ଚିକିତ୍ସା ମଧ୍ୟ କରାଇଛନ୍ତି। ହେଲେ ଅର୍ଥ ଅଭାବରୁ ରଜନୀ ସମ୍ପୂର୍ଣ୍ଣ ସୁସ୍ଥ ହେବା ପୂର୍ବରୁ ତାଙ୍କୁ ଘରକୁ ଫେରାଇ ଆଣିବାକୁ ପଡିଛି। ନିର୍ବାଚନ ବେଳେ ବହୁ ନେତା ତାଙ୍କୁ ସହାୟତା ପାଇଁ ପ୍ରତିଶ୍ରୁତି ଅଜାଡି ଦେଇଛନ୍ତି। ହେଲେ ନିର୍ବାଚନ ପରେ ଆଉ କାହା ପାଦ ପଡିନି। ସେହିପରି ବୟସ ହୋଇଯାଇଥିଲେ ବି ତାଙ୍କୁ ସରକାରଙ୍କ ତରଫରୁ ବାର୍ଦ୍ଧକ୍ୟ ଭତ୍ତା ମଧ୍ୟ ମିଳୁନାହିଁ। ଏ ନେଇ ପଞ୍ଚାୟତ ଅଫିସ୍‌କୁ ବାରମ୍ବାର ସେ ଦୌଡିଥିଲେ ବି କିଛି ସୁଫଳ ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କୁ ଭତ୍ତା ପ୍ରଦାନର ବ୍ୟବସ୍ଥା କରାଯିବା ସହ ସ୍ତ୍ରୀ ରଜନୀଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଯିବାକୁ ସାଧାରଣରେ ଦାବି ହୋଇଛି।

### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

**କାମାକ୍ଷାନଗର, ୭।୧(ଡି.ଏନ.ଏ):** ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡରେ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ସୋମବାର ବ୍ଲକ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୈଳାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ଇଂ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଚଳିତ ବର୍ଷ ପରେଡରେ ୪୬ଟି ଦଳ ଯୋଗ ଦେବେ ବୋଲି ସ୍ଥିର ହୋଇଛି। ବୈଠକରେ ଓକିଲ ସଂଘ ସଭାପତି ରଞ୍ଜନ କୁମାର ରାଉତ, ବିଡିଓ ଜ୍ୟୋତିଶଙ୍କର ସାହୁ, ତହସିଲଦାର ସୁଧାଂଶୁ ମହାନ୍ତି, ଏନ୍ଏସି ନିର୍ବାହୀ ଅଧିକାରୀ ବିରଜା ପ୍ରସାଦ ରଥ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ରତ୍ନାକର ସାମଲ, କାମାକ୍ଷାନଗର ଗଣମାଧ୍ୟମ ସଂଘ ସମ୍ପାଦକ ରାକେଶ କୁମାର ଦେହୁରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ବୁଦ୍ଧିଜୀବୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ୮ ଜାନୁଆରୀ /୨୦୧୯ Dhenkanal, Tuesday January 8 / 2019

## ସଂକ୍ଷେପରେ

### ଧର୍ମେନ୍ଦ୍ରଙ୍କୁ ଧମକକୁ ଦୃଢ଼ ନିନ୍ଦା

ଢେଙ୍କାନାଳ ଅଫିସ, ୭।୧- ପିପିଲି ପୀଡିତାଙ୍କ ପରିବାରକୁ ଭେଟି ରବିବାର କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରକୁ ଫେରୁଥିବା ବେଳେ ଦୟାନଦୀ ବ୍ରିଜ ପାଖରେ ତାଙ୍କୁ ଧମକ ଦିଆଯିବାକୁ ଦୃଢ଼ ନିନ୍ଦା କରିଛି ଢେଙ୍କାନାଳ ଜିଲା ଭାଜପା। ଶାସକ ଦଳର କେତେଜଣ ଗୁଣ୍ଡା ଏହି ଧମକ ଦେଇଥିବା ଦଳ ଅଭିଯୋଗ କରିଛି। ଦଳର ରାଜ୍ୟ ସଭା ପୂର୍ବତନ ସଦସ୍ୟ ରୁଦ୍ର ନାରାୟଣ ପାଣି, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ବିଧାୟକ ପ୍ରସନ୍ନ କୁମାର ପଟ୍ଟନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲ ଶର୍ମା, ନରେଶଚନ୍ଦ୍ର ମହାପାତ୍ର, ଶତ୍ରୁଘ୍ନ ଜେନା, ଅନିମା ନାୟକ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପବିତ୍ର ବିଶ୍ୱାଳ, ସୁଧାଂଶୁ କୁମାର ଦଳେଇ, ନବକିଶୋର ଗୁରୁ, ରମେଶଚନ୍ଦ୍ର ସାମଲ, କୃଷ୍ଣଚନ୍ଦ୍ର ସାହୁ, ରତିକାନ୍ତ ସାହୁ, ଲକ୍ଷ୍ମୀଧର ବେହେରା, ପ୍ରେମାନନ୍ଦ ଜେନା, ଜିଲା ମହିଳା ମୋର୍ଚ୍ଚା ସଭାପତି ନିରୋଜ ନଳିନୀ ମହାଲିକ, ପଦ୍ମଭୂଷଣ ସାହୁ ପ୍ରମୁଖ ଘଟଣାକୁ ନିନ୍ଦା କରିଛନ୍ତି।

### ନାବାଳିକାଙ୍କୁ ବିକ୍ରି ଘଟଣାର ଗୁମର ଖୋଲୁଛି

# ବଡ଼ ଭଉଣୀଙ୍କୁ ଘରେ ଖଟାଉଥିଲେ ଏସ୍ଆଇ

ଢେଙ୍କାନାଳ ଅଫିସ, ୭।୧

- ଡିଆଇଜିଙ୍କ ଅଚାନକ ଗଁଦିଆ ଥାନା ପରିଦର୍ଶନ
- ଥାନାରେ ମାମଲା ରୁଜୁ, ଜଣେ ଅଟକ
- ବୁଧବାର ଗୋଆ ଯିବ ପୋଲିସ ଟିମ୍

ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ସମ୍ପର୍କୀୟମାନେ ଦଲାଲ ଜରିଆରେ ଗୋଆରେ ୫୦ହଜାର ଟଙ୍କାରେ ବିକ୍ରି କରିଦେବା ଘଟଣାର ଧୀରେ ଧୀରେ ଗୁମର ଫିଟୁଛି। ଜିଲାରେ କାର୍ଯ୍ୟରତ ଜଣେ ପୋଲିସ ଏସ୍ଆଇ ଉକ୍ତ ନାବାଳିକାଙ୍କ ୧୧ ବର୍ଷୀୟ ବଡ ଭଉଣୀଙ୍କୁ ଘରେ ରଖି ଶିଶୁ ଶ୍ରମିକ ଭାବେ କାମ କରାଉଥିବା ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି। ଏପରିକି ସାନ ଭଉଣୀ ସମ୍ପର୍କରେ ଜିଲା ଶିଶୁ କଲ୍ୟାଣ କମିଟି ଖୋଳତାଡ ଆରମ୍ଭ କରିବା ଦେଖି ସମ୍ପୃକ୍ତ ଏସ୍ଆଇ ତୁରନ୍ତ ବଡ ଭଉଣୀଙ୍କୁ ନେଇ ତାଙ୍କ ଘରେ ଛାଡି ଦେଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଜିଲା ଶିଶୁ କଲ୍ୟାଣ କମିଟି ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର ପାଇଁ ଏସ୍ପିଙ୍କୁ ଲିଖିତ ଭାବରେ ଜଣାଇବା ପରେ ଏସ୍ପିଙ୍କ ନିର୍ଦ୍ଦେଶରେ ରବିବାର ରାତିରେ ଗଁଦିଆ ଥାନାରେ କେସ୍ ନଂ. ୧୦।୧୯, ଦଫା-୩୭୦(୪), ୩୪ ଆଇପିସି ଏବଂ ୮୧ ଜୁଭେନାଇଲ ଜଷ୍ଟିସ୍ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ନାବାଳିକାଙ୍କ ସମ୍ପର୍କରେ ଖବର ଜାଣିଥିବା ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ସୋମବାର ହଠାତ୍ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ଗଁଦିଆ ଥାନା ପରିଦର୍ଶନରେ ଆସିଥିଲେ। ଏହି ସମୟରେ ସେ ଗୋଆରେ ନାବାଳିକାଙ୍କୁ ବିକ୍ରି ନେଇ ରୁଜୁ ହୋଇଥିବା ମାମଲା ସମ୍ପର୍କରେ ଥାନା ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଗୋଆରୁ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ପ୍ରଶାସନ, ଜିଲା ଶିଶୁ ସୁରକ୍ଷା ବିଭାଗ, ଜିଲା ଶିଶୁ କଲ୍ୟାଣ କମିଟି ଓ ପୋଲିସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ମଙ୍ଗଳବାର ବନ୍ଦ ପାଳନ ହେଉଥିବାରୁ ବୁଧବାର ପୋଲିସର ଏକ ଟିମ୍ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ଗୋଆ ଯିବ ବୋଲି ଏସ୍ପି ସନ୍ତୋଷ କୁମାର ନାୟକ ସୂଚନା ଦେଇଛନ୍ତି।

ଅନ୍ୟପଟେ ଜଣେ ପୋଲିସ ଅଧିକାରୀ ଆଇନ ଉଲ୍ଲଂଘନ କରି ନାବାଳିକାଙ୍କୁ ଘରେ ଶିଶୁ ଶ୍ରମିକ ଭାବେ ଖଟାଇବା ଖବର ଜଣାପଡିବା ପରେ ସାଧାରଣରେ ତୀବ୍ର ଅସନ୍ତୋଷ ଉପୁଜିଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହୋଇଛି। ପ୍ରକାଶଥାଉ କି, ସମ୍ପୃକ୍ତା ନାବାଳିକାଙ୍କ ବାପା ତାଙ୍କ ମାଙ୍କୁ ହତ୍ୟା କରିବା ଅଭିଯୋଗରେ ୩ ବର୍ଷ ହେବ ଜେଲରେ ଅଛନ୍ତି।

### ଧର୍ମଘଟରେ ସାମିଲ ହେବେ ସରକାରୀ କର୍ମଚାରୀ

ଢେଙ୍କାନାଳ ଅଫିସ,୭।୧

ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ୮ ଓ ୯ ତାରିଖରେ ମିଳିତ ସର୍ବଭାରତୀୟ ଧର୍ମଘଟରେ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ସାମିଲ ହେବ ବୋଲି ସୋମବାର ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସମିତିର ରାଜ୍ୟ ସାଧାରଣ ସମ୍ପାଦକ ନରୋତ୍ତମ ପାର୍ଥସାରଥି, ଢେଙ୍କାନାଳ ଜିଲା ସଭାପତି ଅରୁଣ କୁମାର ବଳିଆରସିଂହ, ଉପଦେଷ୍ଟା ପ୍ରସନ୍ନ କୁମାର ଭୂତିଆ, ଆର୍ଯ୍ୟଭୂଷଣ ନାୟକ, ପ୍ରଦୀପ କୁମାର ପାଲ, ମାନସ ସାହୁ, ମନୋଜ କୁମାର ସାହୁ, ବିଶ୍ୱରଞ୍ଜନ ବ୍ରହ୍ମ, ନିରଞ୍ଜନ ପାତ୍ର, ବିଜୟ କୁମାର ଦାସ, ବୃନ୍ଦାବନ ଜେନା ପ୍ରମୁଖ ଏ ସମ୍ପର୍କରେ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଜିଲା ସମନ୍ୱୟ ସମିତିର ବୈଠକ ଅରୁଣ କୁମାର ବଳିଆରସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ନୂତନ ପେନସନକୁ ବାତିଲ କରି ପୁରୁଣା ପେନସନ ଦେବା, ଅସ୍ଥାୟୀ ଓ ଛଟେଇ କର୍ମଚାରୀଙ୍କୁ ଖାଲିଥିବା ପଦବୀରେ ସ୍ଥାୟୀ ନିଯୁକ୍ତି, ସର୍ବନିମ୍ନ ଦରମା ୧୮ହଜାର ଟଙ୍କା ଦେବା ଆଦି ଦାବି ଗୁଡିକ ଉପରେ ଆଲୋଚନା ହୋଇଥିଲା।

### ଆଇଓସିଏଲ୍ ଜିଏମ୍‌ଙ୍କ ମହିମାପୀଠ ପରିଦର୍ଶନ


ମାଘ ମେଳା ପାଇଁ ଆଇଓସିଏଲ୍ ଜିଏମ୍ ଓ ଭାଜପା ନେତୃମଣ୍ଡଳୀଙ୍କ ମହିମାପୀଠ ପରିଦର୍ଶନ।

ଢେଙ୍କାନାଳ ଅଫିସ,୭।୧

ପ୍ରସିଦ୍ଧ ମାଘମେଳା ସମୟରେ ଆଇଓସିଏଲ ପକ୍ଷରୁ ସବୁବର୍ଷ ପରି ଚଳିତ ବର୍ଷ ମଧ ଶ୍ରଦ୍ଧାଳୁଙ୍କ ପାଇଁ ସୁବିଧା କରାଯିବ। ଏ ନେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶରେ ଆଇଓସିଏଲର ଜିଏମ୍ ଦେବୀ ପ୍ରସାଦ ଶତପଥୀ ସୋମବାର ମହିମାଗାଦି ଯୋରନ୍ଦା ପରିଦର୍ଶନ କରିଥିଲେ। ଚଳିତବର୍ଷ ଅଧିକ ଉଚ୍ଚକୋଟୀର ବ୍ୟବସ୍ଥା କରାଯିବା ପାଇଁ ଆଲୋଚନା ହୋଇଥିଲା। ଜିଏମ୍‌ଙ୍କ ସହିତ ଭାଜପା ନେତୃମଣ୍ଡଳୀ ମଧ ମହିମା ପୀଠ ପରିଦର୍ଶନ କରିଥିଲେ। ରାଜ୍ୟସଭା ପୂର୍ବତନ ସଦସ୍ୟ ରୁଦ୍ର ନାରାୟଣ ପାଣି, ଜିଲା ଭାଜପା ସଭାପତି ବିଭୂତି ଭୂଷଣ ପ୍ରଧାନ, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ମଣ୍ଡଳ ସଭାପତି ଅଜୟ ପାଣି, ଅମ୍ବିକା ପ୍ରସାଦ ମିଶ୍ର, ଦିଗମ୍ବର ସାହୁ ଓ ଚିତ୍ତଲ ମହାନ୍ତି ପ୍ରମୁଖ ମହିମାପୀଠ ପରିଦର୍ଶନ କରି ଆଇଓସିଏଲ୍‌ର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ମହିମା ସନ୍ନ୍ୟାସୀ ନିତ୍ୟାନନ୍ଦ ବାବା ଓ ନଟବର ବାବା ଉପସ୍ଥିତ ଥିଲେ। ପରେ ଆଇଓସିଏଲ୍‌ର ଅଧିକାରୀ ଓ ଭାଜପା ନେତୃମଣ୍ଡଳୀ ମହିମା ସନ୍ନ୍ୟାସୀ ଅବିନାଶୀ ବାବାଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ ବୋଲି ଜିଲା ଭାଜପା ଉପସଭାପତି ରମେଶଚନ୍ଦ୍ର ସାମଲ ଜଣାଇଛନ୍ତି।

### ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ

# ୧୮ ରେଞ୍ଜ, ୩୫୦ ପ୍ରତିଯୋଗୀ

ଢେଙ୍କାନାଳ ଅଫିସ, ୭।୧


ପ୍ରତିଯୋଗିତାକୁ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ମନୋଜ କୁମାର ଛାବ୍ରା ଶୁଭାରମ୍ଭ କରୁଛନ୍ତି।

ଢେଙ୍କାନାଳ ରିଜର୍ଭ ପୋଲିସ ଲାଇନ୍‌ରେ ଥିବା ଫାୟରିଂ ରେଞ୍ଜ୍‌ରେ ସୋମବାର ପୂର୍ବାହ୍ନରେ ୫୨ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାକୁ ନେଇ ଗଠିତ ରେଞ୍ଜ୍ ମଧ୍ୟରୁ ୧୮ଟି ରେଞ୍ଜ୍ ଓ ୩୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ୧୮ଟି ରେଞ୍ଜ୍ ମଧ୍ୟରୁ ସେଣ୍ଟ୍ରାଲ ରେଞ୍ଜ୍ କଟକ, କମିଶନରେଟ୍ ପୋଲିସ-ଏ, କମିଶନରେଟ୍ ପୋଲିସ-ବି, ଇଷ୍ଟର୍ଣ୍ଣ ରେଞ୍ଜ୍ ବାଲେଶ୍ୱର, ଇଣ୍ଟେଲିଜେନ୍ସ, ଉତ୍ତରାଞ୍ଚଳ ରେଞ୍ଜ ସମ୍ବଲପୁର, ଦକ୍ଷିଣାଞ୍ଚଳ ରେଞ୍ଜ ବ୍ରହ୍ମପୁର, ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ କୋରାପୁଟ, ଟ୍ରେନିଂ ସେଣ୍ଟର, ପଶ୍ଚିମାଞ୍ଚଳ ରେଞ୍ଜ୍ ରାଉରକେଲା, ଓଏସ୍ଏପି ବାଟାଲିୟନ ଟସ୍କର, ଓଏସ୍ଏପି ବାଟାଲିୟନ ପାନ୍ଥର, ଆଇଆର ବାଟାଲିୟନ ଟାଇଗର, ଆଇଆର ବାଟାଲିୟନ ଲାୟନ, ଓଏସ୍ଏଫ୍ ବାଟାଲିୟନ ଚିତ୍ତା, ଏସ୍ଓଜି, ଓଏସ୍ଏପି ଏସ୍ଏସ୍ ବାଟାଲିୟନ ହାଉଣ୍ଡସ, ଉତ୍ତର କେନ୍ଦ୍ରାଞ୍ଚଳ ରେଞ୍ଜ୍ ତାଳଚେର ଦଳ ଭାଗ ନେଇଛନ୍ତି। ପ୍ରତିଯୋଗିତାକୁ ମୁଖ୍ୟଅତିଥି ରାଜ୍ୟ ସ୍ପେଶାଲ ଆର୍ମଡ୍ ପୋଲିସର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ମନୋଜ କୁମାର ଛାବ୍ରା ଉଦଘାଟନ କରିଥିଲେ। ଏହି ଅବସରରେ ସେ କହିଲେ ଯେ, ଢେଙ୍କାନାଳରେ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପୋଲିସ ବିଭାଗ ପାଇଁ ଏକ ଗୌରବମୟ ପରମ୍ପରା। ଏହି ପ୍ରତିଯୋଗିତା ମାଧ୍ୟମରେ ବୃତ୍ତିଗତ ଦକ୍ଷତା ବଜାୟ ରଖିବା ପାଇଁ ସୁଯୋଗ ମିଳିଥାଏ। ପ୍ରତିଯୋଗିତା ମନୋଭାବ ନେଇ ଏଠି ସମସ୍ତେ ସାମିଲ ହୋଇଛନ୍ତି । ପ୍ରତିଯୋଗିତାର ସୁଯୋଗ ନେଇ ଦକ୍ଷତା ପ୍ରତିପାଦନ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ଉପସ୍ଥିତ ଥିଲେ। ଢେଙ୍କାନାଳ ଏସ୍ପି ସନ୍ତୋଷ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଇଫଲରେ ୧୦୦, ୨୦୦ ଏବଂ ୩୦୦ ମିଟର, ସେହିପରି ପିସ୍ତଲ ରିଭଲଭର, ଷ୍ଟେନ୍‌ଗନ୍ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। କମାଣ୍ଡାଣ୍ଟ ମହମ୍ମଦ ଜାଭିଦ, ନବକିଶୋର ଦାସ, ସହକାରୀ ଅଧିକାରୀ ବିନୋଦ ଦାସ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରୁଛନ୍ତି। ରାଇଫଲର ୧୫୨ ଜଣ, ପିସ୍ତଲରେ ୯୦ ଓ ଷ୍ଟେନ୍‌ଗନ୍‌ରେ ୩୬ ଜଣ ଭାଗ ନେଇଛନ୍ତି। ପ୍ରଥମ ଦିବସରେ ରାଇଫଲରେ ୧୦୦ ମିଟର, ରିଭଲଭର ଓ ପିସ୍ତଲରେ ୧୫ଗଜ୍ ବନ୍ଧୁକ ଚାଳନା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାର ପ୍ରାରମ୍ଭରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ମନୋଜ ଛାବ୍ରା ବନ୍ଧୁକ ଚାଳନା କରି ଏହାକୁ ଶୁଭାରମ୍ଭ କରିଥିଲେ। ଢେଙ୍କାନାଳ ଜିଲାପାଳ ନିଖିଲ ପବନ କଲ୍ୟାଣ, ଅନୁଗୋଳ ଏସ୍ପି ମିତ୍ରଭାନୁ ମହାପାତ୍ର, ଢେଙ୍କାନାଳ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ହିନ୍ଦୋଳ ଉପଜିଲାପାଳ ଭବେଶ କୁମାର ନାୟକ, ଅତିରିକ୍ତ ଏସ୍ପି ହରେକୃଷ୍ଣ ପ୍ରଧାନ, ବିନୟକୃଷ୍ଣ କାମିଲା, ଏସ୍ଡିପିଓ ଶେଖ ଅବଦୁଲ କରିମ, ଡିଏସ୍ପି ଇନ୍ଦ୍ରମଣି ବେହେରା, ସୁବାସ ସାହୁ ପ୍ରମୁଖଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଲଦାଗଡ଼ ମହୋତ୍ସବ ଉଦ୍‌ଯାପିତ

ସାତମାଇଲି,୭।୧(ଡି.ଏନ.ଏ.)

ଢେଙ୍କାନାଳ ହିନ୍ଦୋଳ ବ୍ଲକ ଠୋକର ଓ କାରନ୍ଦା ପଞ୍ଚାୟତ ସ୍ଥିତ ଲଦାଗଡ ପାହାଡ ସିଦ୍ଧପୀଠରେ ବକୁଳ ଅମାବାସ୍ୟା ଅବସରରେ ୩୨ ତମ ଲଦାଗଡ ବିଶ୍ୱଶାନ୍ତି ମହାଯଜ୍ଞ ଓ ଚତୁର୍ଥ ଲଦାଗଡ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ୨ରୁ ୭ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିଥିଲା। ଦୈବୀ ସ୍ଥଳୀ ସହ ଐତିହାସିକ କୀର୍ତ୍ତି ବହନ କରିଥିବା ଏହି ଲଦାଗଡ ସିଦ୍ଧପୀଠ ପୂଜା ଅବସରରେ ଉତ୍ସବମୁଖର ହୋଇପଡିଥିଲା। ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମହାଯଜ୍ଞର ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ସ୍ତମ୍ଭପୂଜା, ଦ୍ୱାରପାଳ ପୂଜା, ତୋରଣ ପୂଜା, ସୂର୍ଯ୍ୟ ପୂଜା, ଅଗ୍ନିସ୍ଥାପନ, ଅହୋରାତ୍ର ନାମସଂକୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହନ୍ତ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବାର୍ଷିଙ୍ଗା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ କୁମାର ସାମଲ, ସମ୍ମାନିତ ଅତିଥି ବାବା ଦୟାନିଧି ଦାସ ମହାରାଜ, କେଶବ ସାମଲ, ସନ୍ତୋଷ ସାମଲ, ବୁଲୁ ମାଝୀ, ଆର୍ତ୍ତତ୍ରାଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶବିତ୍ ବିଜୟ ରାଉତ, ପାଇକଖେଳରେ ଆଶୁତୋଷ ସାମଲ, ସମନ୍ୱିତ କୃଷିରେ ଦିନେଶ ସାମଲ, ହାଇସ୍କୁଲ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପୂର୍ଣ୍ଣମିତା ବରାଳ, ଅର୍ପିତା ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଫାର ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ କାର୍ତ୍ତିକ ସାମଲଙ୍କ ତତ୍ତ୍ୱାବଧାନରେ ମହୋତ୍ସବ ପରିଚାଳିତ ହୋଇଥିଲା। ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

### କପିଳାସ ପୀଠରୁ କୁଟୁରା ଉଦ୍ଧାର

ଢେଙ୍କାନାଳ ଅଫିସ,୭।୧

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସ ମନ୍ଦିର ପରିସରରୁ ରବିବାର ଏକ ମାଈ କୁଟୁରା ଛୁଆକୁ ବନବିଭାଗ ଅଧିକାରୀ ଓ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ଉଦ୍ଧାର ପରେ କୁଟୁରା ଛୁଆଟିକୁ କପିଳାସ ପାଦ ଦେଶରେ ଥିବା ଚିଡିଆଖାନାରେ ଛଡାଯାଇଛି। କପିଳାସ ରେଞ୍ଜ୍ ଅଧିକାରୀ ଓ କର୍ମଚାରୀମାନେ ଏହାର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଚିଡିଆଖାନାରେ ମାତ୍ର ୨ଟି କୁଟୁରା ଥିବାରୁ ଏହାକୁ ମଧ ସେଠାରେ ରଖାଯିବ ବୋଲି କପିଳାସ ରେଞ୍ଜର ଦର୍ଶନିଆ ଭୋଇ ସୋମବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି।




# ୯୫ ଅଭିଯୋଗର ସମାଧାନ


ସଦର ବ୍ଲକରେ ଅନୁଷ୍ଠିତ ଜନ ଶୁଣାଣି ଶିବିର।

ଢେଙ୍କାନାଳ ଅଫିସ, ୭।୧

ଢେଙ୍କାନାଳ ସଦର ବ୍ଲକ ପରିସରରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା, ଇନ୍ଦିରା ଆବାସ, ବିଜୁ ପକ୍କାଘର, ପୋଲିସ ସମ୍ବନ୍ଧୀୟ ମୋଟ ୧୫୭ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୫୩ଟି ବ୍ୟକ୍ତିଗତ ଓ ୪ ଟି ଗ୍ରାମ ସମ୍ପର୍କିତ ରହିଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୪ ଜଣଙ୍କୁ ୨୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ରେଡକ୍ରସ ସହାୟତା ପାଇଁ ୨୧ଟି ଆବେଦନ ମଧ୍ୟରୁ ୧୨ଜଣଙ୍କୁ ଚିକିତ୍ସା ଓ ଜୀବିକା ପାଇଁ ୪୦,୫୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଶିବିରରେ ୯୫ଟି ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ କରାଯାଇଥିଲା। ଜିଲାପାଳ ନିଖିଲ ପବନ କଲ୍ୟାଣ, ଏସ୍ପି ସନ୍ତୋଷ କୁମାର ନାୟକ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଡିଏଫ୍ଓ ସୁଦର୍ଶନ ପାତ୍ର, ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରତାପ କୁମାର ବେହେରା, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ବିଜୟାନନ୍ଦ ସାହୁ, ଜିଲା ମତ୍ସ୍ୟ ଅଧିକାରୀ ଦିପ୍ତୀମୟ ମହାପାତ୍ର, ଯୋଗାଣ ଅଧିକାରୀ ହାଡିବନ୍ଧୁ ସେଠି, ଜିଲା ପଞ୍ଚାୟତ ଅଧିକାରୀ ବୀରେନ୍ଦ୍ର କୁମାର ହୋତା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ବିଷ୍ଣୁଚରଣ ବେହେରା, ବିଡିଓ ସରୋଜ କୁମାର ଦତ୍ତ, ତହସିଲଦାର ଉଦୟ କୁମାର ମହାପାତ୍ର, ସହକାରୀ ଜିଲାପାଳ(ଆପାତକାଳୀନ) ଶଶାଙ୍କ ଶେଖର ମିଶ୍ର ଓ ସୀତାଂଶୁ ଶେଖର ଦାସ, ପିଜି ସେଲର ଲଲାଟ କେଶରୀ ଦଳେଇ ଏବଂ ଜିଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ